# The Odisha Gazette

EXTRAORDINARY
PUBLISHED BY AUTHORITY

No. 939, CUTTACK, THURSDAY, MAY 26, 2016/ JAISTHA 5, 1938


## HOUSING & URBAN DEVELOPMENT DEPARTMENT

NOTIFICATION

The 25th May, 2016

**S.R.O. No. 187**/2016— The following draft of certain rules further to amend the Odisha Municipal Corporation (Division of City into Wards, Reservation of Seats and Conduct of Election) Rules, 2003 which the State Government proposes to make in exercise of the powers conferred by Sections 16 and 79 of the Odisha Municipal Corporation Act, 2003 (Odisha Act, 11 of 2003) is hereby published as required by sub-section (1) of Section 656 of the said Act for information of all persons likely to be affected thereby and the notice is hereby given that the said draft will be taken into consideration by the State Government on or after the expiry of a period of fifteen days from the date of publication of this notification in the *Odisha Gazette*.

Any objection or suggestion which may be received by the Commissioner-*cum*-Secretary to Government, Housing & Urban Development Department from any person in respect of the said draft before expiry of the period so specified will be considered by the State Government.

**DRAFT**

**1.** *(1)* These rules may be called the Odisha Municipal Corporation (Division of City into Wards, Reservation of Seats and Conduct of Election) Amendment Rules, 2016.

*(2)* They shall come into force on the date of their publication in the *Odisha Gazette*.

**2.** In the Odisha Municipal Corporation (Division of City into Wards, Reservation of Seats and Conduct of Election) Rules, 2003, in sub-rule (1), in rule 90, for the word and comma “Corporator,” the words “Corporator or Mayor” shall be substituted.

[No.12576–HUD-13-LEGIS-67-POLICY-15-14/2016/HUD.]

By Order of the Governor

G. MATHIVATHANAN
Commissioner-*cum*-Secretary to Government

## ଗୃହନିର୍ମାଣ ଓ ପୌର ଉନ୍ନୟନ ବିଭାଗ

ତା 25.05.2016 ରିଖ

## ଅଧିସୂଚନା

**S.R.O. No.187**/2016— ଓଡ଼ିଶା ପୌର ନିଗମ ଅଧିନିୟମ,2003 (2003 ର ଓଡ଼ିଶା ଅଧିନିୟମ, 11) ର ଧାରା 16 ଓ 79 ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ, ଓଡ଼ିଶା ପୌର ନିଗମ (ନଗରକୁ ବିଭିନ୍ନ ୱାର୍ଡରେ ବିଭାଜନ, ଆସନ ସଂରକ୍ଷଣ ଓ ନିର୍ବାଚନ ସଂଚାଳନ) ନିୟମାବଳୀ 2003 କୁ ଅଧିକତର ସଂଶୋଧନ କରିବା ସକାଶେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବ କରାଯାଇ ଉକ୍ତ ଅଧିନିୟମର ଧାରା 656 ର ଉପ ଧାରା (1) ଦ୍ୱାରା ଆବଶ୍ୟକ ହେବା ମତେ ନିମ୍ନଲିଖିତ ଚିଠା ନିୟମାବଳୀଟିକୁ ତଦ୍ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ସମସ୍ତଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଯାଉଛି ଏବଂ ଏତଦ୍ୱାରା ନୋଟିସ ଦିଆଯାଉଛି କି ଏହି ଅଧିସୂଚନାଟି *ଓଡ଼ିଶା ଗେଜେଟ*ରେ ପ୍ରକାଶିତ ହେବା ତାରିଖ ଠାରୁ ପନ୍ଦର ଦିନ ଯେଉଁ ଦିନ ପୂରିବ ସେହି ଦିନ ବା ତାହାପରେ ରାଜ୍ୟ ସରକାରଙ୍କ ଦ୍ୱାରା ଉକ୍ତ ଚିଠାଟି ବିଚାରକୁ ନିଆଯିବ।

ସେପରି ବିନିର୍ଦ୍ଦିଷ୍ଟଅବଧିର ଅବସାନପୂର୍ବରୁ ଉକ୍ତ ଚିଠା ସଂକ୍ରାନ୍ତରେ କୌଣସି ବ୍ୟକ୍ତିଙ୍କ ଠାରୁ ଗୃହନିର୍ମାଣ ଓ ପୌର ଉନ୍ନୟନ ବିଭାଗର କମିସନର-*ତଥା*-ଶାସନ ସଚିବଙ୍କୁ କୌଣସି ଆପତ୍ତି ବା ପ୍ରସ୍ତାବ ମିଳିଲେ ରାଜ୍ୟ ସରକାର ତାହାକୁ ବିଚାର କରିବେ ।

## ଚିଠା

1. *(1)* ଏହି ନିୟମାବଳୀଟି ଓଡ଼ିଶା ପୌର ନିଗମ (ନଗରକୁ ବିଭିନ୍ନ ୱାର୍ଡରେ ବିଭାଜନ, ଆସନ ସଂରକ୍ଷଣ ଓ ନିର୍ବାଚନ ସଂଚାଳନ) ସଂଶୋଧନ ନିୟମାବଳୀ, 2016 ନାମରେ ଅଭିହିତ ହେବ ।

*(2) ଓଡ଼ିଶା ଗେଜେଟ*ରେ ପ୍ରକାଶିତ ହେବା ତାରିଖ ଠାରୁ ଏହା ବଳବତ୍ତର ହେବ ।

2. ଓଡ଼ିଶା ପୌର ନିଗମ (ନଗରକୁ ବିଭିନ୍ନ ୱାର୍ଡରେ ବିଭାଜନ, ଆସନ ସଂରକ୍ଷଣ ଓ ନିର୍ବାଚନ ସଂଚାଳନ) ନିୟମାବଳୀ,2003 ର ନିୟମ 90 ର ଉପ-ନିୟମ (1) ରେ ଥିବା "କର୍ପୋରେଟର," ଶବ୍ଦ ଓ କମା ବଦଳରେ "କର୍ପୋରେଟର ବା ମେୟର" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ ।

[ସଂଖ୍ୟା-12576-ଏଚ୍.ୟୁ.ଡି.-13-ଲେଜିସ୍-67-ପଲିସ୍-15-14/2016/ଗୃ.ନ.ଉ.]

ରାଜ୍ୟପାଳଙ୍କ ଆଦେଶକ୍ରମେ

ଜି. ମାଥିଭାଥନନ୍

କମିଶନର-*ତଥା*-ଶାସନ ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 359-173+10